REGULATED MARKET COMMITTEE
ESTD.-1959
BY-PASS, BHADRAK

# ନିୟନ୍ତ୍ରିତ ବଜାର କମିଟି, ଭଦ୍ରକ

**ବିଜ୍ଞାପନ ସଂଖ୍ୟା :** ୧୩୭ **ତାରିଖ :** ୬.୧.୨୦୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ନିୟନ୍ତ୍ରିତ ବଜାର କମିଟି ଅଧିନରେ ଥିବା ମୁଖ୍ୟ ବଜାର ପ୍ରାଙ୍ଗଣରେ ନିର୍ମିତ ହୋଇଥିବା ଶୁଖୁଆ ହାଟର **୨୪ଗୋଟି** ଦୋକାନ ଘର ପାଳିଆବିନ୍ଧା ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର **୧୮ଗୋଟି** ଦୋକାନ ଘର, ଶହୀଦ ନଗର ହାଟରେ ଥିବା ମାର୍କେଟ କମ୍ପ୍ଲେକ୍ସର **୧୫ଗୋଟି** ଦୋକାନ ଘର, ପାଳସାହି ମାର୍କେଟ କମ୍ପ୍ଲେକ୍ସର ଥିବା **୦୮ଗୋଟି** ଦୋକାନ ଘର ଓ ଖାଂକି ହାଟ ତିହିଡ଼ିରେ ଥିବା ମାଛ ହାଟର **୧୫ଗୋଟି** ଦୋକାନ ଘର ଗୁଡ଼ିକୁ ଇଚ୍ଛୁକ ବ୍ୟବସାୟୀ ମାନଙ୍କୁ ମାସିକ ଭଡ଼ା ସୂତ୍ରରେ ଆବଣ୍ଟନ କରିବା ପାଇଁ ଦରଖାସ୍ତ ଆହ୍ବାନ କରାଯାଉଅଛି । ଉକ୍ତ ଦୋକାନ ଘର ଆବଣ୍ଟନ ସମ୍ପର୍କିତ ବିସ୍ତୃତ ନିୟମାବଳୀ ଓ ସର୍ତ୍ତାବଳୀ ସହିତ ଦରଖାସ୍ତ ଫର୍ମ ନିୟନ୍ତ୍ରିତ ବଜାର କମିଟି, ଭଦ୍ରକଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେବା ସହିତ ଭଦ୍ରକ ଜିଲ୍ଲା website www.bhadrak.nic.in ରେ ମଧ୍ୟ ଉପଲବ୍ଧ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ ଦୋକାନ ଘର ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଆବେଦନ କରିପାରିବେ ।

ଦୋକାନ ଘର ଆବଣ୍ଟନ ସମ୍ପର୍କରେ ବଜାର କମିଟି କର୍ତ୍ତୃପକ୍ଷଙ୍କ ନିଷ୍ପତ୍ତି ସର୍ବମାନ୍ୟ ହେବ ଓ ବଜାର କମିଟି କର୍ତ୍ତୃପକ୍ଷ କୌଣସି କାରଣ ନ ଦର୍ଶାଇ ଉକ୍ତ ଦୋକାନ ଘର ଆବଣ୍ଟନ ପ୍ରକ୍ରିୟାକୁ ରଦ୍ଦ କରିପାରିବେ ।

**ଅଧ୍ୟକ୍ଷଙ୍କ ଆଦେଶ କ୍ରମେ**
6.1.20
**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି**
**ଭଦ୍ରକ**

**ପରିପତ୍ର ସଂଖ୍ୟା :** ୧୩୮ **ତା:** ୬.୧.୨୦୨୦

ଏହି ବିଜ୍ଞାପନର ଏକକିତାନକଲ ଦୈନିକ ସମ୍ବାଦପତ୍ର 'ଧରିତ୍ରୀ' ଓ 'ପ୍ରଗତିବାଦୀ'ର ସମ୍ପାଦକ / ବିଜ୍ଞାପନ ପରିଚାଳକଙ୍କୁ ତାଙ୍କର ଦୈନିକ ସମ୍ବାଦ ପତ୍ରରେ ସର୍ବନିମ୍ନ ଟ.୪୦୦୦/- ମୂଲ୍ୟରେ ଏକଥର ମାତ୍ର ପ୍ରକାଶ କରିବା ପାଇଁ ଅନୁରୋଧ କରାଗଲା ।

6.1.20
**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି**
**ଭଦ୍ରକ**

**ପରିପତ୍ର ସଂଖ୍ୟା :** ୧୩୯ **ତା:** ୬.୧.୨୦୨୦

ଏହି ବିଜ୍ଞାପନର ଏକକିତାନକଲ ଏହାର ବହୁଳ ପ୍ରସାର ପାଇଁ ଭଦ୍ରକ ପୌରପାଳିକା କାର୍ଯ୍ୟାଳୟ / ଭଦ୍ରକ ପଞ୍ଚାୟତ ସମିତି କାର୍ଯ୍ୟାଳୟ / ଧାମନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟ / ତିହିଡ଼ି ପଞ୍ଚାୟତ ସମିତି କାର୍ଯ୍ୟାଳୟ / ତହସିଲ କାର୍ଯ୍ୟାଳୟ, ଭଦ୍ରକ / ତହସିଲ କାର୍ଯ୍ୟାଳୟ, ତିହିଡ଼ି / ତହସିଲ କାର୍ଯ୍ୟାଳୟ, ଧାମନଗର / ନିୟନ୍ତ୍ରିତ ବଜାର କମିଟି, କାର୍ଯ୍ୟାଳୟ, ଭଦ୍ରକ / ପାଳସାହି ଗ୍ରା.ପ. କାର୍ଯ୍ୟାଳୟ / କଟସାହି ଗ୍ରା.ପ. କାର୍ଯ୍ୟାଳୟ / ପାଳିଆବିନ୍ଧା ଗ୍ରା.ପ. କାର୍ଯ୍ୟାଳୟ / ଭାଟପଡ଼ା ଗ୍ରା.ପ. କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରଦର୍ଶିତ କରାଇବା ପାଇଁ ପ୍ରେରଣ କରାଗଲା ।

6.1.20
**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି**
**ଭଦ୍ରକ**

**ପରିପତ୍ର ସଂଖ୍ୟା :** ୧୪୦ **ତା:** ୬.୧.୨୦୨୦

ଏହି ବିଜ୍ଞାପନର ଏକକିତାନକଲ ଏହାର ବହୁଳ ପ୍ରସାର ପାଇଁ ଜିଲ୍ଲାପାଳ, ଭଦ୍ରକ / ଉପ-ଜିଲ୍ଲାପାଳ, ଭଦ୍ରକଙ୍କ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରଦର୍ଶିତ କରାଇବା ପାଇଁ ପ୍ରେରଣ କରାଗଲା ।

6.1.20
**ସମ୍ପାଦକ**
**ନିୟନ୍ତ୍ରିତ ବଜାର କମିଟି**
**ଭଦ୍ରକ**